# <u>ଗୋ ଖାଦ୍ୟରେ ସବସିଡ଼ି ପ୍ରଦାନ</u>

**ଅଣତାରକା ପ୍ରଶ୍ନ ସଂଖ୍ୟା - ୧୭୮୮ - ଶ୍ରୀ ଅନନ୍ତ ନାରାୟଣ ଜେନା : ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ କ୍ଷୀରର ଚାହିଦା ପୂରଣ ପାଇଁ କେତେ ପରିମାଣର ଆବଶ୍ୟକତା ସ୍ଥଳେ ଉତ୍ପାଦନ ପରିମାଣ କେତେ; ଆବଶ୍ୟକ କ୍ଷୀରର କେତେ ପ୍ରତିଶତ; କ୍ଷୀରଚାଷ ପାଇଁ ରାଜ୍ୟରେ କେଉଁ ଜିଲ୍ଲାରୁ କେତେ ଚାଷୀ ସଂଶ୍ଳିଷ୍ଟ ଅଛନ୍ତି; ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ କେବେ ସୁଦ୍ଧା କାର୍ଯ୍ୟକାରୀ ହେବାର ଯୋଜନା ରହିଛି; ବର୍ତ୍ତମାନ ରାଜ୍ୟରେ ଜିଲ୍ଲାୱାରୀ କେତୋଟି ଦୁଗ୍ଧ ସମବାୟ ସମିତି କାର୍ଯ୍ୟକ୍ଷମ ଏବଂ କେତୋଟି ଅଚଳ ସମବାୟ ସମିତିକୁ ପୁନଃକ୍ଷମ କରିବାକୁ ପଦକ୍ଷେପ ନେଇଛନ୍ତି କି; ଗୋ ଖାଦ୍ୟରେ ସରକାର କେତେ ଟଙ୍କାର ସବସିଡ଼ି ପ୍ରଦାନ କରୁଛନ୍ତି; ସମବାୟ ସମିତି ସଂଖ୍ୟା ହ୍ରାସ ହେତୁ ଚାଷୀମାନେ ଅଭାବୀ ବିକ୍ରିର ସାମ୍ନା କରୁଥିବା ସତ୍ୟ କି; ପ୍ରାଇଭେଟ କ୍ଷୀର ଉତ୍ପାଦନକାରୀ ଫାର୍ମ ମାନଙ୍କର କ୍ଷୀରର ମାନ କେତେଥର ପରିକ୍ଷଣସ୍ଥଳେ କେତେଥର ହେଉଛି ?**

**<u>ଉତ୍ତର</u>**

**ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମନ୍ତ୍ରୀ** **ତା.୨୪.୦୯.୨୦୨୫**
**ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ଓଡ଼ିଶା**

ଭାରତୀୟ ଭେଷଜ ଅନୁସନ୍ଧାନ ସଂସ୍ଥା (ICMR) ର ସୁପାରିଶ ଅନୁଯାୟୀ ଦୈନିକ ମୁଣ୍ଡପିଛା ୩୦୦ ଗ୍ରାମର ଦୁଗ୍ଧ ଆବଶ୍ୟକତା ଥିବା ବେଳେ ଓଡ଼ିଶାରେ ୨୦୨୩-୨୪ ବର୍ଷରେ ଦୈନିକ ମୁଣ୍ଡପିଛା ୧୫୬ ଗ୍ରାମ ଦୁଗ୍ଧ ଉପଲବ୍ଧ ହେଉଅଛି । ୨୦୨୩-୨୪ ମସିହାରେ ରାଜ୍ୟରେ ୨୬୩୫.୯୯ ହଜାର ମେଟ୍ରିକ ଟନ ଦୁଗ୍ଧ ଉତ୍ପାଦନ ହେଉଅଛି । ଏହା ଆବଶ୍ୟକ କ୍ଷୀରର ୫୨.୦୨ ପ୍ରତିଶତ ଅଟେ। ୨୦ତମ ପ୍ରଣିଧାନ ଗଣନା ଅନୁଯାଇ କ୍ଷୀରଚାଷ ପାଇଁ ରାଜ୍ୟରେ ୧୦,୯୨,୮୩୨ ଜଣ ଚାଷୀ ସଂଶ୍ଳିଷ୍ଟ ଅଛନ୍ତି । ଏହାର ଏକ ଜିଲ୍ଲାୱାରୀ ତାଲିକା **<u>ପରିଶିଷ୍ଟ-'କ'</u>**ରେ ପ୍ରଦାନ କରାଗଲା । ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଅଛି ଓ ଏହି ସବୁ ଯୋଜନାମାନ କାର୍ଯ୍ୟକ୍ଷମ ଅଛି।

ବର୍ତ୍ତମାନ ରାଜ୍ୟରେ ଜିଲ୍ଲାଓ୍ୱାରୀ କାର୍ଯ୍ୟରତ ଦୁଗ୍ଧ ସମବାୟ ସମିତି ତାଲିକା **ପରିଶିଷ୍ଟ-'ଖ'** ରେ ପ୍ରଦାନ କରାଗଲା । ଚଳିତ ଆର୍ଥିକ ବର୍ଷରେ ୩୭ ଗୋଟି ଅଚଳ ଦୁଗ୍ଧ ସମବାୟ ସମିତିକୁ ପୁନଃକ୍ଷମ କରିବାକୁ ପଦକ୍ଷେପ ନିଆଯାଇଛି। ଗୋଖାଦ୍ୟରେ ଯଦିବା ରିହାତିର ବ୍ୟବସ୍ଥା ନାହିଁ କିନ୍ତୁ କୃତ୍ରିମ ପ୍ରଜନନ ଦ୍ୱାରା ମାଇ ବାଛୁରୀଙ୍କ ଦାନା ପାଇଁ ୫୦% ରିହାତି ଅର୍ଥାତ କିଲୋ ପିଛା ୧୪.୦୦ ଟଙ୍କା ରିହାତି ଦିଆଯାଉଅଛି । ପ୍ରତ୍ୟେକ ସମ୍ଭାବ୍ୟ ଗ୍ରାମରେ ସର୍ଭେ କରାଯାଇ ନୂତନ ସମିତି ଗଠନ ସହ ନିଷ୍କ୍ରିୟ ସମିତି ମାନଙ୍କୁ ପୁନରୁଦ୍ଧାର କରାଯାଉଅଛି। ସୁତରାଂ ଦୁଗ୍ଧ ଚାଷୀ ମାନେ ଅଭାବି ବିକ୍ରୀର ସାମ୍ନା କରୁ ନାହାନ୍ତି। ନିର୍ଦ୍ଦେଶକ, ଖାଦ୍ୟ ନିରାପତ୍ତା, ଓଡ଼ିଶାଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ୨୦୨୪-୨୫ ବର୍ଷରେ Regulatory (Private Manufacturing) ରେ ୪ଟି ନମୂନା ପରିକ୍ଷା ହୋଇଛି ଏବଂ Surveillance (Private Manufacturing Unit) ରେ ୨୦ ନମୂନା ପରିକ୍ଷା କରାଯାଇଛି ।

ପରିଶିଷ୍ଟ-କ

| SL. No. | **District name** | Nos. of Farmer engaged in Dairy Farming |
|---|---|---|
| 1 | Anugul | 58617 |
| 2 | Balangir | 22900 |
| 3 | Baleshwar | 131294 |
| 4 | Bargarh | 11309 |
| 5 | Bhadrak | 82166 |
| 6 | Boudh | 11514 |
| 7 | Cuttack | 70487 |
| 8 | Deogarh | 22289 |
| 9 | Dhenkanal | 50179 |
| 10 | Gajapati | 17108 |
| 11 | Ganjam | 44571 |
| 12 | Jagatsinghapur | 44870 |
| 13 | Jajapur | 63190 |
| 14 | Jharsuguda | 2933 |
| 15 | Kalahandi | 19372 |
| 16 | Kandhamal | 40397 |
| 17 | Kendrapara | 50280 |
| 18 | Kendujhar | 56241 |
| 19 | Khordha | 28664 |
| 20 | Koraput | 29066 |
| 21 | Malkangiri | 29241 |
| 22 | Mayurbhanj | 49981 |
| 23 | Nabarangpur | 14498 |
| 24 | Nayagarh | 19687 |
| 25 | Nuapada | 5921 |
| 26 | Puri | 48305 |
| 27 | Rayagada | 18812 |
| 28 | Sambalpur | 12563 |
| 29 | Sonepur | 7876 |
| 30 | Sundargarh | 26501 |
| | **Total** | **1090832** |

**ପରିଶିଷ୍ଟ-ଖ**

## ଜିଲ୍ଲାଓ୍ୱାରୀ ସମିତିସଂଖ୍ୟା ତଥା ଦୁଗ୍ଧପ୍ରଦାନକାରୀ ଚାଷୀ ସଂଖ୍ୟା

| କ୍ରନଂ. | ଦୁଗ୍ଧସଂଘର ନାମ | ଜିଲ୍ଲାର ନାମ | ଦୁଗ୍ଧ ସମବାୟସମିତି ଓ ଦୁଗ୍ଧ ସଂଗ୍ରହ କେନ୍ଦ୍ରସଂଖ୍ୟା |
|---|---|---|---|
| ୧ | କଟକ | କଟକ | ୫୧୯ |
| ୨ | | ଜଗତସିଂହପୁର | ୫୧୨ |
| ୩ | | ଯାଜପୁର | ୭୧ |
| ୪ | | କେନ୍ଦ୍ରାପଡା | ୨୭୭ |
| ୫ | ପୁରୀ | ପୁରୀ | ୨୯୨ |
| ୬ | | ଖୋର୍ଦ୍ଧା | ୩୮ |
| ୭ | | ନୟାଗଡ | ୮୭ |
| ୮ | ଢେଙ୍କାନାଳ | ଢେଙ୍କାନାଳ | ୨୩ |
| ୯ | | ଅନୁଗୋଳ | ୫୦ |
| ୧୦ | ସମଲେଶ୍ୱରୀ | ସମ୍ବଲପୁର | ୧୫୩ |
| ୧୧ | | ବରଗଡ | ୩୩୫ |
| ୧୨ | | ଝାରସୁଗୁଡା | ୬୫ |
| ୧୩ | | ସୋନପୁର | ୧୬୦ |
| ୧୪ | | ଦେଓଗଡ | ୩୭ |
| ୧୫ | ବୌଦ୍ଧ | ବୌଦ୍ଧ | ୧୦୦ |
| ୧୬ | ସୁନ୍ଦରଗଡ | ସୁନ୍ଦରଗଡ | ୧୪ |
| ୧୭ | ବାଲେଶ୍ୱରଭଦ୍ରକ- | ବାଲେଶ୍ୱର | ୨୮୫ |
| ୧୮ | | ଭଦ୍ରକ | ୨୧୮ |
| ୧୯ | କୋରାପୁଟ- -ମାଲକାନଗିରୀ -ନବରଙ୍ଗପୁର ରାୟଗଡା | କୋରାପୁଟ | ୮୨ |
| ୨୦ | | ମାଲକାନଗିରୀ | ୧୫ |
| ୨୧ | | ନବରଙ୍ଗପୁର | ୧୬୭ |
| ୨୨ | | ରାୟଗଡା | ୪୪ |
| ୨୩ | ବଲାଙ୍ଗିର-କଳାହାଣ୍ଡି-ନୂଆପଡା | ବଲାଙ୍ଗିର | ୨୭୬ |
| ୨୪ | | କଳାହାଣ୍ଡି | ୮୭ |
| ୨୫ | | ନୂଆପଡ଼ା | ୧୭ |
| ୨୬ | ମୟୂରଭଞ୍ଜ | ମୟୂରଭଞ୍ଜ | ୩୦ |
| ୨୭ | କେଉଁଝର | କେଉଁଝର | ୧୯୦ |
| ୨୮ | ଗଞ୍ଜାମଗଜପତି- | ଗଞ୍ଜାମ | ୧୧୩ |
| ୨୯ | | ଗଜପତି | ୧୨ |
| | | **ମୋଟ** | **୪,୨୬୯** |